# NATIONAL NEWS BULLETIN (ODIA)

## 18 January-2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ସ୍ୱାମିତ୍ୱ ଯୋଜନାରେ ୬୫ଲକ୍ଷ ଗ୍ରାମବାସୀଙ୍କୁ ଆଜି ସମ୍ପତ୍ତି କାର୍ଡ ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ ।
- ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୩୧ ତାରିଖରୁ ଆରମ୍ଭ ।
- ଓଡ଼ିଶାକୁ ଦୁଇଦିନିଆ ଗସ୍ତରେ ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି ଆଜି ରଘୁରାଜପୁର ଏବଂ କୋଣାର୍କ ମନ୍ଦିର କରିବେ ପରିଦର୍ଶନ ।
- ଆଜିଠାରୁ ତିନିଦିନିଆ ବ୍ରସେଲ୍ସ ଗସ୍ତରେ ଯିବେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ।

ଏବଂ

- ଖୋକୋ ବିଶ୍ୱକପ୍ ପ୍ରତିଯୋଗିତାରେ ସେମିଫାଇନାଲରେ ପ୍ରବେଶ କଲା ଭାରତ ।

# ପିଏମ୍‌-ସମ୍ପତ୍ତିକାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୬୫ ଲକ୍ଷରୁ ଅଧିକ ସମ୍ପତ୍ତି କାର୍ଡ ବଣ୍ଟନ କରିବେ । ଶ୍ରୀ ମୋଦୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସ୍ୱାମୀତ୍ୱ ଯୋଜନା ଅଧୀନରେ ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୨୩୦ଟି ଜିଲ୍ଲା ଅନ୍ତର୍ଗତ  ୫୦ ହଜାରରୁ ଅଧିକ ଗ୍ରାମର ସମ୍ପତ୍ତି ମାଲିକଙ୍କୁ ଏହି କାର୍ଡ ବଣ୍ଟନ କରିବେ । ଗ୍ରାମୀଣ ଭାରତର ଅର୍ଥନୈତିକ ପ୍ରଗତିକୁ ଆଗକୁ ନେବା ଲକ୍ଷ୍ୟରେ ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ଏହି ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ । ଅତ୍ୟାଧୁନିକ ଡ୍ରୋନ୍ ଜ୍ଞାନକୌଶଳ ମାଧ୍ୟମରେ ଗ୍ରାମଗୁଡ଼ିକର ଜନବସତି ଅଞ୍ଚଳରେ ଘର ଥିବା ପରିବାର ଗୁଡ଼ିକୁ ଏହି ଯୋଜନା ଅଧୀନରେ ରେକର୍ଡ ଅଫ୍ ରାଇଟସ୍ ପ୍ରଦାନ କରାଯାଇଥାଏ । ବର୍ତ୍ତମାନ ୩ ଲକ୍ଷ ୧୭ ହଜାରରୁ ଅଧିକ ଗ୍ରାମରେ ଡ୍ରୋନ୍ ସର୍ଭେ ଶେଷ ହୋଇଛି, ଯେଉଁଥିରେ ୯୨ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟ ଥିବା ଗ୍ରାମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ସେହିଭଳି ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାମ ଲାଗି ୨ କୋଟି ୨୫ ଲକ୍ଷ ସମ୍ପତ୍ତି କାର୍ଡ ପ୍ରସ୍ତୁତ କରାଯାଇଛି । ପୁଡୁଚେରୀ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ତ୍ରିପୁରା, ଗୋଆ, ଉତ୍ତରାଖଣ୍ଡ ଓ ହରିଆଣାରେ ଏହି ଯୋଜନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇସାରିଛି । ତେବେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ଛତିଶଗଡ଼ ସମେତ ଅନ୍ୟ କେନ୍ଦ୍ର ଶାସିତ ଅଞ୍ଚଳରେ ଡ୍ରୋନ୍ ସର୍ଭେ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଥିବା ଜଣାପଡ଼ିଛି ।

# ପାର୍ଲାମେଣ୍ଟ ବଜେଟ୍ ଅଧିବେଶନ

ସଂସଦର ବଜେଟ ଅଧିବେଶନ ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ। ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନ ୨ଟି ପର୍ଯ୍ୟାୟରେ ବସିବ । ଆସନ୍ତା ୩୧ ତାରିଖରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ବସିବାକୁ ଥିବା ପ୍ରଥମ ଅଧିବେଶନରେ ୧୦ଟି କାର୍ଯ୍ୟ ଦିବସ ଏବଂ ମାର୍ଚ୍ଚ ୧୦ ତାରିଖରୁ ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ବସିବାକୁ ଥିବା ଦ୍ୱିତୀୟ ଅଧିବେଶନରେ ୧୮ଟି କାର୍ଯ୍ୟ ଦିବସ ରହିଛି । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆଗତ କରିବେ ।

# ରାଜନାଥ ଡିଫେନ୍ସିଭ୍

ପ୍ରତିରକ୍ଷା ଏବଂ ନିରାପତ୍ତା କ୍ଷେତ୍ରରେ ବୃଦ୍ଧି ପାଉଥିବା ଆହ୍ୱାନକୁ ଦୃଷ୍ଟିରେ ରଖି ଦେଶର ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉପରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଗୁରୁତ୍ୱାରୋପ କରିଛନ୍ତି । ଗତବର୍ଷକୁ ନାଭାଲ ସିଭିଲିଆନ୍ସ ବର୍ଷ ଭାବେ ପାଳନ କରିବା ପରିପ୍ରେକ୍ଷୀରେ ଗତକାଲି ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସିଂ ଏହା କହିଛନ୍ତି । ଦେଶପ୍ରେମ, ବୀରତା ଏବଂ ଶୃଙ୍ଖଳା ସୈନିକଙ୍କୁ ବିଭିନ୍ନ

ଆହ୍ୱାନର ମୁକାବିଲା କରିବା ଦିଗରେ ମନୋବଳ ପ୍ରଦାନ କରିବା ସହ ସୁରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିଥାଏ ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି । ଦେଶର ଅର୍ଥନୈତିକ ସମୃଦ୍ଧି, ସାମୁଦ୍ରିକ ନିରାପତ୍ତା, ଆଞ୍ଚଳିକ ସୁରକ୍ଷା ଏବଂ ଯାତାୟାତର ସ୍ୱାଧୀନତା ଉପରେ ଅଧିକ ନିର୍ଭରଶୀଳ ବୋଲି ସେ କହିଛନ୍ତି । ଏହିସବୁ କ୍ଷେତ୍ରଗୁଡ଼ିକର ସୁରକ୍ଷା ତଥା ରକ୍ଷଣାବେକ୍ଷଣ ଜରୁରୀ । ସାଇବର ସୁରକ୍ଷା' ସାମୁଦ୍ରିକ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ଉଲ୍ଲେଖ କରି ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଏ କ୍ଷେତ୍ରରେ ରହିଥିବା ଆହ୍ୱାନକୁ ଅଧିକ ସତର୍କତାର ସହ ମୁକାବିଲା କରିବାର ଆବଶ୍ୟକତା ରହିଛି ।

# ସିଙ୍ଗାପୁର ପ୍ରେଜ୍-ଓଡ଼ିଶା ଭିଜିଟ୍

ଓଡ଼ିଶାକୁ ଦୁଇଦିନିଆ ଗସ୍ତରେ ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗ୍ ରତ୍ନମ ଆଜି ପୁରୀ ଜିଲ୍ଲାର ରଘୁରାଜପୁରୁ ଐତିହ୍ୟ ଗ୍ରାମ ଏବଂ ଅର୍କକ୍ଷେତ୍ର କୋଣାର୍କ ମନ୍ଦିର ପରିଦର୍ଶନ କରିବେ। ଏଥିସହ ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଟିକା ଉତ୍ପାଦନ କାରଖାନା ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

ଭାରତ-ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଭୁବନେଶ୍ୱରଠାରେ ଗତକାଲି ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସିଙ୍ଗାପୁର ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଏହି ବୁଝାମଣାପତ୍ର ଗୁଡ଼ିକ ସ୍ୱାକ୍ଷରିତ ହୋଇଛି ।

ଅକ୍ଷୟଶକ୍ତି, ଇଣ୍ଡଷ୍ଟ୍ରିଆଲ୍ ପାର୍କ, ନୂତନ ସହରୀ ବିକାଶ, ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ, ଗ୍ରୀନ୍ ହାଇଡ୍ରୋଜେନ୍ କରିଡର, ପେଟ୍ରୋଲିୟମ୍, ପେଟ୍ରୋକେମିକାଲ୍ସ ଏବଂ ରାସାୟନିକ କ୍ଷେତ୍ରରେ ନିବେଶ ଆଦି ଏଥିରେ ଅନ୍ତର୍ଭୁକ୍ତ । ରାଷ୍ଟ୍ରପତି ଶ୍ରୀ ଶନ୍‌ମୁଗ୍ ରତ୍‌ନମ ଏବଂ ତାଙ୍କ ସହ ଆସିଥିବା ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଗତକାଲି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଥିଲେ । ଦକ୍ଷତା ବିକାଶ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶାର ପଦକ୍ଷେପକୁ ସେ ଉଚ୍ଚପ୍ରଶଂସା କରିଥିଲେ । ଆସନ୍ତା ୨୮ ଓ ୨୯ ତାରିଖରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପୂର୍ବରୁ ସିଙ୍ଗାପୁର ରାଷ୍ଟ୍ରପତିଙ୍କର ଏହା ପ୍ରଥମ ରାଜ୍ୟ ଗସ୍ତ ।

## ବ୍ୟାଙ୍କ

ବ୍ୟାଙ୍କ ଜମାଖାତା ଏବଂ ଲକର ଗୁଡ଼ିକରେ ନୋମିନୀଙ୍କ ନାମ ସୁନିଶ୍ଚିତ କରିବାକୁ ଭାରତୀୟ ରିଜର୍ଭବ୍ୟାଙ୍କ ବ୍ୟାଙ୍କ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି । ଜମାକାରୀଙ୍କ ପରଲୋକ କ୍ଷେତ୍ରରେ ପରିବାର ସଦସ୍ୟଙ୍କ ଦାବିର ଶୀଘ୍ର ସମାଧାନ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ରିଜର୍ଭ ବ୍ୟାଙ୍କ କହିଛି । ଆର୍‌ବିଆଇ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି ହୋଇଛି । ଆସନ୍ତା ୩୧ ତାରିଖ ସୁଦ୍ଧା ତ୍ରୈମାସିକ ଭିତ୍ତିରେ ଆର୍‌ବିଆଇର ଡାକ୍ସ ପୋର୍ଟାଲରେ ଏ ସଂକ୍ରାନ୍ତ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ବ୍ୟାଙ୍କ ଗୁଡ଼ିକୁ କୁହାଯାଇଛି । ନିକଟରେ ହୋଇଥିବା ଏକ ସମୀକ୍ଷାରୁ ଜଣାପଡ଼ିଛି ବହୁସଂଖ୍ୟକ ଜମାଖାତା ଏବଂ ଲକରରେ ଜମାକାରୀ' ନୋମିନିଙ୍କ ନାମ

ଉଲ୍ଲେଖ କରି ନାହାନ୍ତି । ଏହାକୁ ଦୃଷ୍ଟିରେ ରଖି ଆରବିଆଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ଗୋୟଲ-ବ୍ରସେଲ୍ସ ଭିଜିଟ୍

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଆଜିଠାରୁ ୩ ଦିନିଆ ବ୍ରସେଲ୍ସ ଗସ୍ତରେ ଯିବେ । ଏହି ଅବସରରେ ୟୁରୋପୀୟ ବାଣିଜ୍ୟ ଅର୍ଥନୈତିକ ନିରାପତ୍ତା ଆୟୋଗର କମିଶନର ମାରୋସ୍ ସେଫ୍‌କୋଭିକ୍‌ଙ୍କ ସହ ଶ୍ରୀ ଗୋୟଲ ଆଲୋଚନା କରିବେ । ବାଣିଜ୍ୟ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତ -ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ଏବଂ ଅନ୍ୟାନ୍ୟ ଦ୍ୱିପାକ୍ଷିକ ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇବ । ବାଣିଜ୍ୟ କ୍ଷେତ୍ରରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଉଭୟ ପକ୍ଷ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ମନ୍ତ୍ରୀ ଶ୍ରୀ ଗୋୟଲଙ୍କର ଏହି ଗସ୍ତ ୟୁରୋପୀୟ ସଂଘ ସହିତ ବାଣିଜ୍ୟ ଏବଂ ନିବେଶ କ୍ଷେତ୍ରରେ ସଂପର୍କ ବୃଦ୍ଧି ଲାଗି ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି । ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ଗୋୟଲ ବେଲଜିୟମ ଶିଳ୍ପ ପ୍ରତିନିଧି ଏବଂ ଭାରତୀୟ ସମୁଦାୟଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଦିଲ୍ଲୀ-ଇଲେକ୍‌ସନ୍

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଗତକାଲି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ୧ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଏହି ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ କରିଛନ୍ତି । ଶେଷ ଦିନରେ ଗତକାଲି ବିଜେପିର ଶିଖ ରାଜ ଓ ନିରଜ ବସୟା ନିଜ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଆମ୍ ଆଦମୀ ପାର୍ଟିର ଅଓ୍ୱଧ ଓଝା, ରାଖି ବିଦଲାନ ଓ ବନ୍ଦନା କୁମାରୀଙ୍କ ସମେତ ଅନ୍ୟ ଦଳର ପ୍ରାର୍ଥୀମାନେ ମଧ୍ୟ ନିଜ ନିଜ ମନୋନୟନପତ୍ର ଦାଖଲ କରିଛନ୍ତି । ଚଳିତ ମାସ ୧୦ ତାରିଖରୁ ଏହି ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରାର୍ଥୀପତ୍ର ଗୁଡ଼ିକ ଆଜି ଯାଞ୍ଚ କରାଯିବ । ଆସନ୍ତା ସୋମବାର ହେଉଛି ଏହାର ପ୍ରତ୍ୟାହାରର ଶେଷ ଦିବସ ।

ଆସନ୍ତାମାସ ୫ ତାରିଖ ଦିନ ଦିଲ୍ଲୀ ବିଧାନସଭା ଲାଗି ଏକକ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଫେବୃୟାରୀ ୮ ତାରିଖ ଦିନ ଭୋଟ୍ ଗଣତି କରାଯିବ ।

## ମହାକୁମ୍ଭ ବିଜିନେସ୍

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳାରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କର ସମାଗମ ହେଉଛି । ଶ୍ରଦ୍ଧାଳୁମାନେ ତ୍ରିବେଣୀ ସଙ୍ଗମରେ ପବିତ୍ର ସ୍ନାନ କରୁଛନ୍ତି । ଦେଶ ବିଦେଶର ଶ୍ରଦ୍ଧାଳୁଙ୍କ ସମାଗମ ଦ୍ୱାରା ସ୍ଥାନୀୟ ଅର୍ଥନୀତି ଏବଂ ବ୍ୟବସାୟକୁ ପ୍ରୋତ୍ସାହନ ପ୍ରଦାନ କରୁଛି ।

ବିଭିନ୍ନ କ୍ଷେତ୍ରରେ ବ୍ୟବସାୟ ୩୦ରୁ ୪୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ମୌନି ଅମାବାସ୍ୟା ଦିନ ବ୍ୟବସାୟ ଆହୁରି ବୃଦ୍ଧି ପାଇବ ବୋଲି ସ୍ଥାନୀୟ ବ୍ୟବସାୟୀ ଆଶା ରଖିଛନ୍ତି । ମହାକୁମ୍ଭ ମେଳାରୁ ୨ଲକ୍ଷ କୋଟି ଟଙ୍କାର ରାଜସ୍ୱ ଆଦାୟ ହେବ ବୋଲି ଆଶା କରାଯାଉଛି ।

# ଖୋଖୋ

ଖୋଖୋ ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତର ପୁରୁଷ ଏବଂମହିଳା ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ନୂଆଦିଲ୍ଲୀଠାରେ ଚାଲିଥିବା ଏହି ପ୍ରଥମ ବିଶ୍ୱକପ୍ ପ୍ରତିଯୋଗିତାର ଗତକାଲିର କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଉଭୟ ପୁରୁଷ ଓ ମହିଳା ଦଳ ବିଜୟୀ ହୋଇଥିଲେ ।

ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାକୁ ଭେଟିବେ । ଗତକାଲିର ପୁରୁଷବର୍ଗ କ୍ୱାର୍ଟର ଫାଇନାଲ୍‌ରେ ଭାରତ’ଶ୍ରୀଲଙ୍କାକୁ ପରାସ୍ତ କରିଛି । ପୁରୁଷ ବର୍ଗର ପ୍ରଥମ ସେମିଫାଇନାଲ୍ ଇରାନ ଏବଂ ନେପାଳ ମଧ୍ୟରେ ଖେଳାଯିବ । ସେହିପରି ମହିଳା ବର୍ଗରେ ଗତକାଲିର କ୍ୱାର୍ଟର ଫାଇନାଲ୍‌ରେ ଭାରତ’ ବାଂଲାଦେଶକୁ ହରାଇ ଦେଇଛି । ଏହି ବର୍ଗର ପ୍ରଥମ ସେମିଫାଇନାଲ୍‌ରେ ଉଗାଣ୍ଡ ଏବଂ ନେପାଳ ପରସ୍ପରକୁ ଭେଟିବେ ।

# ବ୍ୟାଡମିଣ୍ଟନ

ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚିରାଗ ସେଟ୍ଟି ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡ଼ି ଆଜି ସେମିଫାଇନାଲ୍ ଖେଳିବେ । ନୂଆଦିଲ୍ଲୀର କେ.ଡି. ଯାଦବ ଇନ୍‌ଡୋର ଷ୍ଟାଡିୟମରେ ଆଜି ସନ୍ଧ୍ୟାରେ ଏହି ଭାରତୀୟ ଯୋଡ଼ି ତୃତୀୟ ମାନ୍ୟତାପ୍ରାପ୍ତ ମାଲେସିଆର ଗୋହ ସେଫେଇ ଏବଂ ନୁର୍ ଇଜୁଦ୍ଦିନଙ୍କ ଯୋଡ଼ିକୁ ଭେଟିବେ । କ୍ୱାର୍ଟର ଫାଇନାଲ୍‌ରେ ଗତକାଲି ଭାରତୀୟ ଯୋଡ଼ି ଦକ୍ଷିଣ କୋରିଆର ଜିନ ୟୋଙ୍ଗ ଏବଂ କାଙ୍ଗ ମିନ ହ୍ୟୁକ୍‌ଙ୍କ ଯୋଡ଼ିକୁ ୨୧-୧୦ ଏବଂ ୨୧-୧୭ ପଏଣ୍ଟରେ ପରାସ୍ତ କରିଥିଲେ ।

# ହକି

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ ବିଜୟୀ ହୋଇଛି । ରାଞ୍ଚିର ଜୟପାଲ ସିଂ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ’ ସୁର୍‌ମା ହକି କ୍ଲବ୍‌କୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ପ୍ରଥମ ୨ଟି ମ୍ୟାଚ୍‌ରେ ପରାଜୟ ପରେ ଦିଲ୍ଲୀ ଗତକାଲି ବିଜୟ ହାସଲ କରି ୩ଟି ମ୍ୟାଚ୍‌ରୁ ଏପର୍ଯ୍ୟନ୍ତ ୩ ପଏଣ୍ଟ ହାସଲ କରିଛି ।

ଶ୍ରାଚୀ ରାଢ଼ ବେଙ୍ଗଲ ଟାଇଗର୍ସ ଏବଂ ଓଡ଼ିଶା ୱାରିଅର୍ସ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ ।

# କ୍ରିକେଟ୍-ଅଣ୍ଡର ନାଇଣ୍ଟିନ୍ ମହିଳା

ଆଇସିସି ୧୯ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ଆଜିଠାରୁ ମାଲେସିଆଠାରେ ଆରମ୍ଭ ହେଉଛି । ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି । ୪ଟି ଗ୍ରୁପ୍‌ରେ ସେମାନଙ୍କୁ ବିଭକ୍ତ କରାଯାଇଛି । ଗ୍ରୁପ୍-ଏରେ ଭାରତ ସହ ମାଲେସିଆ, ଶ୍ରୀଲଙ୍କା ଏବଂ ଓ୍ୱେଷ୍ଟଇଣ୍ଡିଜ ସ୍ଥାନିତ ହୋଇଛନ୍ତି । ଆସନ୍ତାକାଲି ଭାରତ ଏବଂ ଓ୍ୱେଷ୍ଟଇଣ୍ଡିଜ ମଧ୍ୟରେ ମ୍ୟାଚ୍ ଖେଳାଯିବ ।